بسم الله الرحمٰن الرحيم

ଖୁତବା ଜୁମା ୦୬ ସେପ୍ଟେମ୍ବର ୨୦୧୯ର ସାରାଂଶ

ସ୍ଥାନ- ମସଜିଦ୍ ବୟତୁଲ୍ ଫୁତୁହ୍, ମର୍ଡନ୍ ଲଣ୍ଡନ (ବ୍ରିଟେନ୍)

## *ଆଁହଜ଼ରତ୍ ସ.ଅଙ୍କ ସର୍ବୋଚ୍ଚ ତଥା ପଦମର୍ଯ୍ୟାଦା ସଂପନ୍ନ ବଦରୀ ସାହାବାମାନଙ୍କର ବିଶ୍ବାସବର୍ଦ୍ଧକ, ପ୍ରଶଂସନୀୟ ଗୁଣାବଳୀର ହୃଦୟଦ୍ରାବୀ ଓ ମନୁରଞ୍ଜକର ଚର୍ଚ୍ଚା ।*

ତଶହୁଦ୍, ତଉଜ୍ ଏବଂ ସୁରେ ଫାତିହାର ଆବୃତ୍ତି ଅନ୍ତେ ହୁଜୁର ଅନୱର ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜ଼ିଜ୍ କହିଲେ : ଗତ ଖୁତବା ଜୁମାରେ ବଦରୀ ସାହାବାମାନଙ୍କ ଆଲୋଚନା କ୍ରମେ ମୁଁ ହଜ଼ରତ ଉବାଦା ବିନ୍ ସାମିତ ର.ଅଙ୍କର ଚର୍ଚ୍ଚା କରୁଥିଲି ଯାହାକି ସଂପୂର୍ଣ୍ଣ ହୋଇ ନଥିଲା। ତାଙ୍କ ସଂପର୍କରେ ଅବଶିଷ୍ଟ ଘଟଣାବଳୀ ଓ ବର୍ଣ୍ଣନାଗୁଡ଼ିକୁ ମୁଁ ଏଠାରେ ବର୍ଣ୍ଣନା କରିଦେଉଛି। ଇତିହାସରେ ଉଲ୍ଲେଖ ରହିଛି ଯେ, ଅବ୍ଦୁଲ୍ଲାଃ ବିନ୍ ଉବୈଙ୍କ କହିବାନୁସାରେ ସେହି ଇହୁଦୀମାନଙ୍କ ମିତ୍ର ବନୁ କୈନକା ସଂପ୍ରଦାୟର ଲୋକମାନେ ମୁସଲମାନମାନଙ୍କ ସହିତ ଯୁଦ୍ଧ କରିଥିଲେ । ତେଣୁ ହଜ଼ରତ ଉବାଦା ର.ଅ ମଧ୍ୟ ସେମାନଙ୍କର ମିତ୍ର ଥିଲେ । କିନ୍ତୁ ଯୁଦ୍ଧ ପରିସ୍ଥିତି ଯୋଗୁଁ ସେ ଅଲ୍ଲାଃତାଲା ଏବଂ ତାଙ୍କ ରସୁଲ ହଜ଼ରତ ମହମ୍ମଦ ସ.ଅଙ୍କ ପାଇଁ ସେହି ସଂପ୍ରଦାୟରୁ ପୃଥକ ହୋଇଯାଇଥିଲେ । ହୁଜୁର ଅନୱର କହିଲେ : ଯେତେବେଳେ ବଦର ଯୁଦ୍ଧ ସଂଗଠିତ ହେଲା ଏବଂ ଅଲ୍ଲାଃତାଲା ମୁସଲମାନମାନଙ୍କର କମ ସଂଖ୍ୟକ ଓ ଅସହାୟ ଥିବା ସତ୍ତ୍ୱେ କୁରୈଶ ପରି ବିଶାଳ ସୈନ୍ୟ ବାହିନୀ ବିପକ୍ଷରେ ମୁସଲମାନମାନଙ୍କୁ ଜୟଯୁକ୍ତ କରିଥିଲେ ଏବଂ ମକ୍କାର ସୁଦୀର୍ଘ ସ୍ତମ୍ଭମାନ ମାଟିରେ ମିଶିଯାଇଥିଲେ । ଅନ୍ୟପଟରେ ମଦିନାରେ ବସାବାସ କରୁଥିବା ଇହୁଦୀମାନଙ୍କର ଗୁପ୍ତ ବିଦ୍ୱେଷମୂଳକ ଅଗ୍ନି ମଧ୍ୟ ପ୍ରଜ୍ୱଳିତ ହୋଇଯାଇଥିଲା । ସେମାନେ ମୁସଲମାନମାନଙ୍କ ସହିତ ଖୋଲାଖୋଲି ବର୍ଚସା ଆରମ୍ଭ କରିଦେଇଥିଲେ । ସେମାନେ ସଭାସ୍ଥଳ ମାନଙ୍କରେ ଖୋଲାଖୋଲି ଭାବରେ କହିବାକୁ ଆରମ୍ଭ କରିଦେଲେ ଯେ, କୁରୈଶମାନଙ୍କ ସୈନ୍ୟ ବାହିନୀକୁ ପରାସ୍ତ କରିଦେବା ତ' କୌଣସି ବଡ଼ କଥା ନୁହେଁ ! ଯଦି ଆମ ସହିତ ତୁମର ଯୁଦ୍ଧ ହୁଅନ୍ତା ତେବେ ଆମେ ଦେଖାଇ ଦେବୁ ଯେ, ଯୁଦ୍ଧ କିପରି ହୁଏ । ଏପରି କି ଏକ ସଭାରେ ସେହି ଇହୁଦୀମାନେ ସ୍ୱୟଂ ଆଁହଜରତ ସ.ଅଙ୍କ ସମକ୍ଷରେ ଏଭଳି ଶବ୍ଦ ପ୍ରୟୋଗ କରିଥିଲେ ଏବଂ ଇହୁଦୀମାନେ କେବେଳ ସାଧାରଣ ଧମକ ବା ଭୟଭୀତ କରାଇବାରେ ଅଟକି ଯାଇ ନଥିଲେ । ବରଂ ସେମାନେ ଆଁହଜ଼ରତ ସ.ଅଙ୍କୁ ହତ୍ୟା କରିବାର ଷଡ଼ଯନ୍ତ୍ର ମଧ୍ୟ କରିବାକୁ ଲାଗିଲେ । ସେ ଯାହାହେଉ ନା କାହିଁକି ବଦର ଯୁଦ୍ଧ ପରେପରେ ଇହୁଦୀମାନେ ଖୋଲାଖୋଲା ରୂପେ ଉପଦ୍ରବ ଆରମ୍ଭ କରିଦେଇଥିଲେ । କାହିଁକି ନା ମଦିନାର ଇହୁଦୀମାନଙ୍କ ମଧ୍ୟରେ ବନୁ କୈନକା ସଂପ୍ରଦାୟ ସର୍ବାଧିକ ଶକ୍ତିଶାଳୀ ତାଥା ସାହାସୀ ଥିଲା। ଅତଃ ସେହିମାନଙ୍କ ଆଡୁ ସର୍ବପ୍ରଥମେ ଚୁକ୍ତିଭଙ୍ଗ ହୋଇଥିଲା । ସୁତରାଂ ଐତିହାସିକମାନେ ଉଲ୍ଲେଖ କରନ୍ତି ଯେ, ମଦିନାର ଇହୁଦୀମାନଙ୍କ ମଧ୍ୟରୁ ସର୍ବପ୍ରଥମେ ବନୁ କୈନକା ସଂପ୍ରଦାୟ ହିଁ ଉକ୍ତ ଚୁକ୍ତିକୁ ଭଙ୍ଗ କରିଥିଲା । ଯେଉଁ ଚୁକ୍ତି ଆଁହଜ଼ରତ ଓ ଇହୁଦୀମାନଙ୍କ ମଧ୍ୟରେ ସ୍ୱାକ୍ଷର ହୋଇଥିଲା ଏବଂ ବଦର ଯୁଦ୍ଧ ପରେ ତ' ସେମାନେ ବିଦ୍ରୋହ କରିବାରେ ସୀମା ଲଂଘନ କରିଦେଲେ ଏବଂ ଖୋଲାଖୋଲି ରୂପେ ଦ୍ୱେଷ ଏବଂ ଶତ୍ରୁତାର ପରିପ୍ରକାଶ କଲେ ଏବଂ ଚୁକ୍ତି ଭଙ୍ଗ କରି ଦେଇଥିଲେ । କିନ୍ତୁ ଏତେ କଥା ହେବା ସତ୍ତ୍ୱେ ମଧ୍ୟ ମୁସଲମାନମାନେ ପ୍ରତ୍ୟେକ ଦୃଷ୍ଟିରୁ ନିଜ ଆକା ହଜ଼ରତ ମହମ୍ମଦ ସ.ଅଙ୍କ ନିର୍ଦ୍ଦେଶାନୁଯାୟୀ ଧୈର୍ଯ୍ୟ ପ୍ରଦର୍ଶନ କରିଥିଲେ ଏବଂ ନିଜ ଆଡୁ କୌଣସି ତ୍ରୁଟି ହେବାକୁ ଦେଇ ନଥିଲେ ବରଂ ହଦିସରେ ବର୍ଣ୍ଣିତ ଅଛି ଯେ, ଏହି ଚୁକ୍ତି ପରେ ଯାହା ଇହୁଦୀମାନଙ୍କ ସହିତ ଘଟିଥିଲା, ଆଁହଜ଼ରତ ସ.ଅ ବିଶେଷରୂପେ ଇହୁଦୀମାନଙ୍କ ସହ ଅତି ନମ୍ର ଆଚରଣ ପ୍ରଦର୍ଶନ କରିଥିଲେ । କିନ୍ତୁ ଏଭଳି ବ୍ୟବହାର ସତ୍ତ୍ୱେ, ଦୟାପରବଶ ସତ୍ତ୍ୱେ ମଧ୍ୟ ଇହୁଦୀମାନେ ନିଜର ବିଦ୍ରୋହ ଏବଂ ଉପଦ୍ରବରେ ଅଗ୍ରସର ହୋଇ ଚାଲିଥିଲେ ଏବଂ ପରିଶେଷରେ ଇହୁଦୀମାନଙ୍କ ତରଫରୁ ହିଁ ପ୍ରଥମେ ଯୁଦ୍ଧର ସୂତ୍ରପାତ ହୋଇଥିଲା। ଘଟଣାଟି ଏହିପରି ଅଟେ ଯେ, ଜଣେ ମୁସଲମାନ ମହିଳା ବଜାରରେ ଜଣେ ଇହୁଦୀ ଦୋକାନରୁ କିଛି ସଉଦା କିଣିବା ପାଇଁ ଯାଇଥିଲା । କେତେକ ଖଳ ଓମନ୍ଦ ସ୍ୱଭାବୀ ଇହୁଦୀ ବ୍ୟକ୍ତିମାନେ ଯେଉଁମାନେ ସେତେବେଳେ ସେହି ଦୋକାନରେ ବସିଥିଲେ, ସେହି ମହିଳା ପ୍ରତି ଅତ୍ୟନ୍ତ ଅସଦାଚରଣମୂଳକ ଏବଂ ଅଶ୍ଳୀଳ ବ୍ୟବହାର ପ୍ରଦର୍ଶନ କରିଥିଲେ ଏବଂ ନିଜେ ଦୋକାନୀ ହିଁ ଏହି ଦୃଷ୍ଟାମୀ କଲା ଯେ, ଉକ୍ତ ମହିଳାର ପରିହିତ ବସ୍ତ୍ରର ନିମ୍ନ ଭାଗକୁ ମହିଳାର ଅଜ୍ଞାତ ଅବସ୍ଥାରେ କୌଣସି ବସ୍ତୁରେ ବାନ୍ଧି ଦେଲା । ଯେତେବେଳେ ସେହି ମହିଳା ଜଣକ ସେହି ଇହୁଦୀମାନଙ୍କର

ଦୃଷ୍ଟମିକୁ ଅନୁଭବ କରି ସେଠାରୁ ଚାଲିଯିବା ପାଇଁ ଉଦ୍ୟମ କଲେ । ବାହାରିବା ମାତ୍ରେ ସେହି ମହିଳାଙ୍କର ବସ୍ତ୍ର ଫିଟି ଯାଇଥିଲା । ଏହା ଦେଖି ଇହୁଦୀ ଦୋକାନୀ ଓ ତାହାର ସାଥୀମାନେ ଖୁବ ଜୋରରେ ହସିବାକୁ ଲାଗିଲେ । ମୁସଲମାନ ମହିଳା ଜଣକ ଲଜ୍ଜିତ ହୋଇ ଚିତ୍କାର କଲେ ଏବଂ ସାହାଯ୍ୟ ଭିକ୍ଷା କଲେ । ଭାଗ୍ୟବଶତଃ ସେତେବେଳେ ନିକଟରେ ଜଣେ ମୁସଲମାନ ପାଖରେ ଉପସ୍ଥିତ ଥିଲେ । ସେ ତୁରନ୍ତ ସେଠାରେ ପହଞ୍ଚିଲେ ଏବଂ ଏହି ଘଟଣାକୁ କେନ୍ଦ୍ର କରି ସେଠାରେ ପରସ୍ପର ମଧ୍ୟରେ ଝଗଡ଼ା ଆରମ୍ଭ ହୋଇଗଲା। ଇହୁଦୀ ଦୋକାନୀ ନିହତ ହେଲା। ଏହା ଦେଖି ସେଠାରେ ଉପସ୍ଥିତ ଥିବା ସମସ୍ତ ଇହୁଦୀମାନଙ୍କର ଖଡ଼ଗ ସେହି ମୁସଲମାନ ଉପରେ ବର୍ଷି ପଡ଼ିଲା । ଯଦ୍ୱାରା ଉକ୍ତ ସ୍ୱାଭିମାନୀ ମୁସଲମାନ ଘଟଣା ସ୍ଥଳରେ ହିଁ ପ୍ରାଣ ହରାଇ ଥିଲେ । ସୁତରାଂ ଯେତେବେଳେ ମୁସଲମାନମାନଙ୍କୁ ଉକ୍ତ ଘଟଣା ସଂପର୍କରେ ସୂଚନା ମିଳିଲା ସେତେବେଳେ ସେମାନଙ୍କର ମଧ୍ୟ ଜାତୀୟ ସ୍ୱାଭିମାନ ଉତ୍ତେଜିତ ହୋଇଗଲା ଏବଂ ଅପର ପକ୍ଷରେ କହିବାକୁ ଗଲେ ଇହୁଦୀମାନେ ଯେଉଁମାନେ ଉକ୍ତ ଘଟଣାକୁ ଆଳ କରିବାକୁ ଚାହୁଁଥିଲେ ସେମାନେ ରୁଣ୍ଡ ହୋଇ ଏକତ୍ରିତ ହୋଇଗଲେ ଏବଂ ଉପଦ୍ରବ ତଥା ଯୁଦ୍ଧ ଭିତ୍ତିକ ପରିସ୍ଥିତ ଉପୁଜି ଥିଲା ।

ସୁତରାଂ ଯେତେବେଳେ ଉକ୍ତ ଘଟଣାର ସୂଚନା ଆଁହଜ଼ରତ ସ.ଅଙ୍କୁ ମିଳିଲା ସେତେବେଳେ ଆଁହଜ଼ରତ ସ.ଅ ବନୁ କୈନକ୍ୱା ସଂପ୍ରଦାୟର ନେତାମାନଙ୍କୁ ଏକତ୍ର କରି କହିଲେ ଯେ, ଏହି ପ୍ରକ୍ରିୟାଟି ଠିକ ନୁହେଁ । ତୁମେମାନେ ନିଜର ଦୁଷ୍ଟାମିରୁ ନିବୃତ୍ତ ରୁହ ଏବଂ ଅଲ୍ଲାଃତାଲାଙ୍କୁ ଭୟ କର । ସେମାନେ ଅନୁସୋଚନ କରିବା ପରିବର୍ତ୍ତେ ଆଁହଜ଼ରତ ସ.ଅଙ୍କ ସମ୍ମୁଖରେ ଅତ୍ୟନ୍ତ ଅହଂକାର ଢଙ୍ଗରେ ଉତ୍ତର ଦେଲେ ଏବଂ ପୂର୍ବ ପରି ଧମକର ପୁନରାବୃତ୍ତି କଲେ ଯେ, ତୁମାମାନେ ବଦର ଯୁଦ୍ଧର ବିଜୟ ଉପରେ ଗର୍ବିତ ହୁଅ ନାହିଁ ବା ଗର୍ବ କର ନାହିଁ । ଯଦି ତୁମେମାନେ ଆମମାନଙ୍କ ସହିତ ମୁହାଁମୁହିଁ ହେବ ସେତେବେଳେ ତୁମେମାନେ ଜାଣିପରିବ ଯେ, ପ୍ରକୃତ ଲଢୁଆ କାହାକୁ କହନ୍ତି । ସେ ଯାହାହେଉ ନା କାହିଁକି ହୁଜୁର ସ.ଅ ବାଧ୍ୟ ହୋଇ ନିଜ ସାହାବାମାନଙ୍କ ଦଳକୁ ସାଙ୍ଗରେ ଧରି ବନୁ କୈନକ୍ୱା ସଂପ୍ରଦାୟର ଦୁର୍ଗ ଅଭିମୁଖେ ବାହାରିଲେ । ବନୁ କୈନକ୍ୱା ସଂପ୍ରଦାୟ ନିଜ ଦୁର୍ଗରେ ବନ୍ଦୀ ହୋଇ ବସି ପଡ଼ିଲେ । ଆଁହଜ଼ରତ ସ.ଅ ସେମାନଙ୍କର ଘେରାଉ କଲେ । ୧୫ ଦିନ ବ୍ୟାପି ଆଁହଜ଼ରତ ସ.ଅ ସେମାନଙ୍କର ଘେରାଉ ଜାରି ରଖିଲେ । ପରିଶେଷରେ ଯେତେବେଳେ ବନୁ କୈନକ୍ୱା ସଂପ୍ରଦାୟର ସମସ୍ତ ଶକ୍ତି, ଗର୍ବ ଓ ଅହଂକାର କ୍ଷୁର୍ଣ୍ଣ ହେଲା ସେତେବେଳେ ସେମାନେ ଏହି ସର୍ତ୍ତ ରଖି ନିଜ ଦୁର୍ଗର ମୁଖ ଦ୍ୱାର ଖୋଲିଲେ ଯେ, ଇହୁଦୀମାନଙ୍କର ଧନ ମୁସଲମାନମାନଙ୍କର ହୋଇଯିବ କିନ୍ତୁ । ସେମାନଙ୍କ ଜୀବନ ଓ ସେମାନଙ୍କର ପରିବାର ଉପରେ ମୁସଲମାନମାନଙ୍କର କୌଣସି ଅଧିକାର ରହିବ ନାହିଁ । ସୁତରାଂ ଆଁହଜ଼ରତ ସ.ଅ ଉକ୍ତ ସର୍ତ୍ତକୁ ଗ୍ରହଣ କଲେ । ଯେପରି ମୁସା ଅ.ସଙ୍କ ଧର୍ମାନୁସାରେ ଏହି ସମସ୍ତ ଲୋକମାନେ ନିହତ ହେବା ଯୋଗ୍ୟ ଥିଲେ କିନ୍ତୁ ଅନ୍ୟ ପଟରେ ଏପରି ଚୁକ୍ତି ଖିଲାଫକାରୀ ଇହୁଦୀ ସଂପ୍ରଦାୟର ମଦିନାରେ ରହିବା ସର୍ପକୁ ନିଜ ପାଖରେ ପୋଷିବା ସଙ୍ଗେ ସମାନ ଅଟେ ଏବଂ ଏହା କୌଣସି ସାଧରଣ କଥା ନୁହଁ । ବିଶେଷକରି ଯେତେବେଳେ ଓସ୍ ଏବଂ ଖଜ଼ରଜ ସଂପ୍ରଦାୟର ଏକ ମୁନାଫିକ (କପଟ ବିଶ୍ୱାସୀ) ଦଳ ପୂର୍ବରୁ ମଦିନାରେ ଉପସ୍ଥିତ ଥିଲେ । ଏପରି ପରିସ୍ଥିତିରେ ଆଁହଜ଼ରତ ସ.ଅଙ୍କର ଏହା ନିଷ୍ପତ୍ତି ହୋଇପାରିଥାଆନ୍ତା ଯେ, ବନୁ କୈନକ୍ୱା ସଂପ୍ରଦାୟ ମଦିନାରୁ ଚାଲିଯାଉ । ବିଶେଷ କରି ଯେତେବେଳେ କୌଣସି ସଂପ୍ରଦାୟର ସମ୍ପତ୍ତି, ଜମି ଓ ବଗିଚାଗୁଡ଼ିକ ଆକାରରେ ନଥିବ । ଯେପରି କି ବନୁ କୈନକ୍ୱା ସଂପ୍ରଦାୟ କ୍ଷେତ୍ରରେ ଏହି ସମସ୍ତ କଥା ଦୃଶ୍ୟମାନ ଥିଲା । ସେତେବେଳେ ଉକ୍ତ ଦଣ୍ଡ ସେମାନଙ୍କର ଦୋଷ ଅପେକ୍ଷା ଏବଂ ସେ କାଳର ପରିସ୍ଥିତିକୁ କେନ୍ଦ୍ର କରି ଏକ କମନୀୟ ଶାସ୍ତି ଥିଲା । ବିଶେଷ କରି ଯେତେବେଳେ କୌଣସି ସଂପ୍ରଦାୟର ସମ୍ପତ୍ତି, ଜମି ଓ ବଗିଚାଗୁଡ଼ିକ ଆକାରରେ ନଥିବ । ସୁତରାଂ ବନୁ କୈନକ୍ୱା ସଂପ୍ରଦାୟ ଅତ୍ୟନ୍ତ ଧୀରସ୍ଥିର ଭାବେ ମଦିନା ଛାଡ଼ି ସିରିୟା ଆଡ଼କୁ ଚାଲିଗଲେ । ସେମାନଙ୍କର ପ୍ରସ୍ଥାନ ସଂପର୍କରେ ଆବଶ୍ୟକୀୟ ବନ୍ଦୋବସ୍ତ ଏବଂ ନିରୀକ୍ଷଣ ଜନିତ ସମସ୍ତ କାର୍ଯ୍ୟ ଆଁହଜ଼ରତ ସ.ଅ ନିଜର ଅନୁଗାମୀ ବା ସହଚର ହଜ଼ରତ ଉବାଦା ବିନ୍ ସାମିତ ର.ଅଙ୍କ ତତ୍ତ୍ୱାବଧାନରେ ନ୍ୟସ୍ତ କରିଥିଲେ । ଯାହାଙ୍କର ଆଲୋଚନା ଚାଲିଛି । ସୁତରାଂ ଉବାଦା ବିନ୍ ସାମିତ ର.ଅ ବନୁ କୈନକ୍ୱା ସହିତ କେତେକ ସ୍ଥାନ ପର୍ଯ୍ୟନ୍ତ ଯାଇଥିଲେ ଏବଂ ସେମାନଙ୍କୁ ଅତ୍ୟନ୍ତ ଯତ୍ନ ସହକାରେ ତଥା ସୁରକ୍ଷିତ ଭାବରେ ସେମାନଙ୍କୁ ପ୍ରସ୍ଥାନ କରାଇ ଫେରି ଆସିଥିଲେ । ଇହୁଦୀମାନେ ହଜ଼ରତ ଉବାଦା ବିନ୍ ସାମିତ ର.ଅଙ୍କ ନିକଟରେ ଅନୁରୋଧ କରିଥିଲେ ଯେ, ସେମାନଙ୍କୁ ଯେଉଁ ୩ ଦିନର ସମୟ ଦିଆ ଯାଇଛି । ସେମାନଙ୍କୁ ଆଉ ଅଳ୍ପ କିଛି

ଅତିରିକ୍ତ ସମୟ ଦିଆଯାଉ । କିନ୍ତୁ ଉବାଦା ବିନ ସାମିତ ର.ଅ କହିଲେ ଯେ, ତୁମର ଗୋଟିଏ ମିନିଟ୍ ସମୟ ମଧ୍ୟ ମୁଁ ଅତିରିକ୍ତ ବା ବର୍ଦ୍ଧିତ କରିପାରିବି ନାହିଁ ।

ହଜ଼ରତ ଉବାଦା ବିନ୍ ସାମିତ ର.ଅଙ୍କ ଠାରୁ ବର୍ଣ୍ଣନା କରାଯାଏ ଯେ, ଯେତେବେଳେ ପ୍ରବାସକାରୀଙ୍କ ମଧ୍ୟରୁ କୌଣସି ବ୍ୟକ୍ତି ରସୁଲୁଲ୍ଲାଃ ସ.ଅଙ୍କ ସେବାରେ ଉପସ୍ଥିତ ହେଉଥିଲା ସେତେବେଳେ ରସୁଲୁଲ୍ଲାଃ ସ.ଅ ସେହି ବ୍ୟକ୍ତିକୁ ଆମମାନଙ୍କ ଅଧୀନରେ କୁରଆନ ଶିକ୍ଷାଲାଭ କରିବା ପାଇଁ ପଠେଇ ଦେଉଥିଲେ ଏବଂ ନିର୍ଦ୍ଦେଶ ଦେଉଥିଲେ ଯେ, ଏହି ବ୍ୟକ୍ତିଙ୍କୁ ନେଇଯାଅ ଏବଂ କୁରଆନ ତଥା ଧାର୍ମିକ ଶିକ୍ଷା ପ୍ରଦାନ କର । ସେ କହନ୍ତି ଯେ, ଏକଦା ରସୁଲୁଲ୍ଲାଃ ଜଣେ ବ୍ୟକ୍ତିକୁ ମୋ ଦାୟିତ୍ୱରେ ଦେଇଥିଲେ । ଯେତେବେଳେ ସେହି ବ୍ୟକ୍ତି ନିଜ ପରିବାର ନିକଟକୁ ଫେରିବାକୁ ବାହାରିଲେ ସେତେବେଳେ ସେ ମୋତେ ଏକ ଧନୁଷ ଉପହାର ଦେଇଥିଲା। ସେ ଯାହାହେଉ ନା କାହିଁକି ସେ କହନ୍ତି ଯେ, ଯେତେବେଳେ ମୁଁ ଏ ସଂପର୍କରେ ଆଁହଜ଼ରତ ସ.ଅଙ୍କୁ ପଚାରିଲି ସେତେବେଳେ ହୁଜୁର ସ.ଅ କହିଲେ ଯେ, ଯଦି ତୁମେ ଚାହୁଁଛ ଯେ, ନିଆଁର ଏକ କୁଣ୍ଡଳୀ ତୁମର ବେକରେ ପିନ୍ଧା ଯିବ । ତାହାହେଲେ ତୁମେ ନେଇ ନିଅ । ସୁତରାଂ **ସେହି ଲୋକମାନେ ଯେଉଁମାନେ ବ୍ୟକ୍ତିଗତ ଭାବେ କୁରଆନ କରୀମ ଶିକ୍ଷାଦାନକୁ ଏକ ଆୟର ପନ୍ଥା ବୋଲି ମନେକରନ୍ତି** ସେମାନଙ୍କ ପାଇଁ ମଧ୍ୟ ଏଥିରେ ମାର୍ଗଦର୍ଶନ(ମୂଳକ) ଶିକ୍ଷା ରହିଛି ।

ହଜ଼ରତ ରାଶିଦ ବିନ୍ ହୁବୈଶଙ୍କ ଠାରୁ ବର୍ଣ୍ଣନା କରାଯାଏ ଯେ, ଏକଦା ରସୁଲୁଲ୍ଲାଃ ସ.ଅ ହଜ଼ରତ ଉବାଦା ବିନ୍ ସାମିତ ର.ଅଙ୍କ ରୋଗୀ ପରିଦର୍ଶନ ନିମନ୍ତେ ତାଙ୍କ ଘରକୁ ଯାଇଥିଲେ । ରସୁଲୁଲ୍ଲାଃ ସ.ଅ କହିଲେ ଯେ, କ'ଣ ତୁମେମାନେ ଜାଣିଛ ଯେ, ମୋ ଧର୍ମ ସଂପ୍ରଦାୟରେ ଶହୀଦ କେଉଁ ବ୍ୟକ୍ତି ଅଟନ୍ତି ? ତେବେ ଲୋକମାନେ ପରସ୍ପରକୁ ଚାହିଁବାକୁ ଲାଗିଲେ । ହଜ଼ରତ ଉବାଦା ସେମାନଙ୍କୁ କହିଲେ ଯେ, ମୋତେ ସାହାରା ଦେଇ ବସାଇ ଦିଅ ! ସୁତରାଂ ଯେତେବେଳେ ଲୋକମାନେ ତାଙ୍କୁ ବସାଇଦେଲେ ସେତେବେଳେ ହଜ଼ରତ ଉବାଦା ର.ଅ କହିଲେ ଯେ, ହେ ରସୁଲୁଲ୍ଲାଃ ସ.ଅ ! ଆପଣ ପ୍ରଶ୍ନ ପଚାରିଛନ୍ତି ଯେ, ଶହୀଦ କେଉଁ ଲୋକମାନେ ଅଟନ୍ତି ? ଯେଉଁ ବ୍ୟକ୍ତି ସାହାସିକତାର ସହିତ ଏବଂ ଅବିଚଳିତ ହୋଇ ଯୁଦ୍ଧ କରେ ଏବଂ ପୁଣ୍ୟର ଆଶା ରଖିଥାଏ ସେହି ବ୍ୟକ୍ତି ହିଁ ଶହୀଦ ଅଟେ । ରସୁଲୁଲ୍ଲାଃ ସ.ଅ କହିଲେ ଯେ, ଯଦି କେବଳ ଏତିକି ହିଁ ହୁଏ ତେବେ ଏମିତି ତ' ମୋର ଉମ୍ମତର ଶୁହଦାଙ୍କ ସଂଖ୍ୟା (ବୀରଗତି ପ୍ରାପ୍ତ କରିଥିବା ବ୍ୟକ୍ତି) ଖୁବ୍ କମ୍ ଲୋକ ରହିଯିବେ । ପୁନଶ୍ଚ ହୁଜୁର ସ.ଅ କହିଲେ ଯେ, ଅଲ୍ଲାଃତାଲାଙ୍କ ମାର୍ଗରେ ଉତ୍ସର୍ଗ ହୋଇଯିବା ଶାହାଦତ ବା ବୀରଗତି ଅଟେ, ପ୍ଲେଗ ରୋଗ ଦ୍ୱାରା ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରିବା ମଧ୍ୟ ଶହାଦତ ଅଟେ, ପାଣିରେ ବୁଡ଼ି ପ୍ରାଣ ହରାଇବା ମଧ୍ୟ ଶାହାଦତ ଅଟେ ଏବଂ ପେଟ ରୋଗ ଦ୍ୱାରା ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରିବା ମଧ୍ୟ ଶାହାଦତ ଅଟେ, ପ୍ରସବ ବେଳେ ବା ପ୍ରସବ ପରେ ଚାଳିଶ ଦିନ ଧରି ମହିଳାକୁ ଆସୁଥିବା ରକ୍ତସ୍ରାବ ଦ୍ୱାରା ଯଦି କୌଣସି ମହିଳାଙ୍କର ମୃତ୍ୟୁ ଘଟେ ତେବେ ତାଙ୍କର ମୃତ୍ୟୁ ମଧ୍ୟ ଶାହାଦତ ଅଟେ ଏବଂ ଏହି ଅବସ୍ଥାରେ ପ୍ରାଣ ହରାଇଥିବା ମହିଳାର ପିଲା ନିଜ ହାତ ଦ୍ୱାରା ସେହି ମହିଳାକୁ ସ୍ୱର୍ଗପୁରକୁ ଟାଣି ଆଣିବ । ସେହିପରି ହଜ଼ରତ ଅବୁ ହୁରୈରା ର.ଅଙ୍କ ଠାରୁ ବର୍ଣ୍ଣନା କରାଯାଏ ଯେ, ରସୁଲୁଲ୍ଲାଃ ସ.ଅ କହିଲେ ଯେ, ପାଞ୍ଚ ଜଣ ବ୍ୟକ୍ତି ଶହୀଦ ଅଟନ୍ତି । ସେମାନେ ହେଲେ **ପ୍ଲେଗ୍** ରୋଗ ଦ୍ୱାରା ପ୍ରାଣ ହରାଇଥିବା ବ୍ୟକ୍ତି, **ପେଟ** ରୋଗ ଦ୍ୱାରା ମୃତ୍ୟୁବରଣ କରିଥିବା ବ୍ୟକ୍ତି, **ପାଣିରେ ବୁଡ଼ି** ଯାଇ ପ୍ରାଣ ହରାଇଥିବା ବ୍ୟକ୍ତି, **ମାଟି ତଳେ ଚାପି ହୋଇ** ବା ଚାପି ହୋଇ ପ୍ରାଣ ହରାଇଥିବା ବ୍ୟକ୍ତି ଶହୀଦ ଅଟେ, ଏବଂ **ଅଲ୍ଲାଃତାଲାଙ୍କ ମାର୍ଗରେ ପ୍ରାଣ ହରାଇଥିବା** ବ୍ୟକ୍ତି ଶହୀଦ ଅଟେ ।

ଏକଦା ହଜ଼ରତ ଉସମାନ ର.ଅ ହଜ଼ରତ ଉବାଦା ବିନ୍ ସାମିତ ର.ଅଙ୍କୁ ହଜ଼ରତ ମୁଆୱିୟାଙ୍କ ଅଭିଯୋଗ କ୍ରମେ ସିରିୟାରୁ ମଦିନାକୁ ଡ଼କାଇ ଆଣିଥିଲେ । ହଜ଼ରତ ଉବାଦା ର.ଅ ହଜ଼ରତ ଉସମାନ ର.ଅଙ୍କ ନିକଟରେ ପହଞ୍ଚିଲେ ଏବଂ ଲୋକମାନଙ୍କୁ ସମ୍ବୋଧିତ କରି କହିଲେ ଯେ, ମୁଁ ରସୁଲୁଲ୍ଲାଃ ସ.ଅଙ୍କୁ ଏହା କହୁଥିବାର ଶୁଣିଅଛି ଯେ, ମୋ ପରେ ଏପରି ଲୋକମାନେ ତୁମର ଶାସକ ହେବେ ଯେଉଁମାନେ ତୁମକୁ ଏପରି କାର୍ଯ୍ୟ କରିବା ପାଇଁ ଆଦେଶ ଦେବେ ଯାହାକୁ ତୁମେ ନାପସନ୍ଦ କରୁଥିବ ଏବଂ ତୁମକୁ ଏପରି କାର୍ଯ୍ୟ କରିବାରୁ ନିବୃତ୍ତ କରାଇବେ ଯାହାକୁ ତୁମେ ପସନ୍ଦ କରୁଥିବ ଅର୍ଥାତ ଉତ୍ତମ ବୋଲି ମନେକରୁଥିବ । ତେଣୁ ଯେଉଁ ବ୍ୟକ୍ତି ଅଲ୍ଲଃତାଲାଙ୍କର ଅବଜ୍ଞା କରେ ସେହି ବ୍ୟକ୍ତିର ଆଜ୍ଞାବହତାକୁ ସ୍ୱୀକାର କରିବା ଅନୁଚିତ । ତେଣୁ ତୁମେମାନେ ନିଜର ଈଶ୍ୱରଙ୍କର ସ୍ଥିରୀକୃତ ସୀମାରେଖାକୁ ଅତିକ୍ରମ କର ନାହିଁ । ହୁଜୁର ଅନୱର କହିଲେ : ଗତ ଖୁତବାରେ ଏହା ଚର୍ଚ୍ଚା ହୋଇଥିଲା ଯେ, ହଜ଼ରତ ଉମର ର.ଅଙ୍କ ଶାସନ କାଳରେ ମଧ୍ୟ ଏକଦା ହଜ଼ରତ ଉବାଦା ବିନ୍ ସାମିତ ର.ଅଙ୍କର ଅମୀର ମୁଆୱିୟା ସହିତ ମତପାର୍ଥକ୍ୟ

ହୋଇଥିଲା। ତେବେ ହଜ଼ରତ ଉମର୍ ର.ଅ ଅମୀର ମୁଆୱିୟାକୁ କହିଦେଲେ ଯେ, ଉବାଦା ବିନ୍ ସାମିତ ର.ଅ ଯେଉଁ ସମସ୍ୟାର ସମାଧାନ କରୁଛନ୍ତି ତତସଂପର୍କରେ ତୁମେ ତାଙ୍କୁ କୌଣସି ପ୍ରଶ୍ନ କରିବ ନାହିଁ । କିନ୍ତୁ ଯେତେବେଳେ ହଜ଼ରତ ଉସମାନ ର.ଅଙ୍କ ଶାସନ କାଳରେ ଏହି କଥାଟି ପୁନର୍ବାର ଘଟିଲା ସେତେବେଳେ ଉସମାନ ର.ଅ ହଜ଼ରତ ଉବାଦା ବିନ୍ ସାମିତ ର.ଅ ସିରିୟାରେ ଡ଼କାଇ ଆଣିଲେ । ସେ ଯାହାହେଉ ନ କାହିଁକି ହଜ଼ରତ ଉବାଦା ବିନ୍ ସାମିତ ର.ଅଙ୍କର ଏକ ମର୍ଯ୍ୟାଦା ରହିଥିଲା । କାରଣ ଯେଉଁ କଥାକୁ ସେ ସିଧାଶଳଖ ଆଁହଜ଼ରତ ସ.ଅଙ୍କ ଠାରୁ ଶୁଣିଥିଲେ ସେହି କେତେକ କଥାର ବ୍ୟାଖ୍ୟା କରିବାରେ ସେ ସକ୍ଷମ ଥିଲେ । ଏହି କାରଣରୁ ସେ କେତେକ କଥାରେ ମତପାର୍ଥକ୍ୟ କରୁଥିଲେ । କିନ୍ତୁ ସମସ୍ତ ବ୍ୟକ୍ତିଙ୍କର ଏହା କାମ ନୁହେଁ ଯେ, ସେ କୌଣସି କଥା ସଂପର୍କରେ ମତ ପାର୍ଥ୍ୟକ କରୁ । କାରଣ ଯେପର୍ଯ୍ୟନ୍ତ ସ୍ୱଷ୍ଟ କୁରାନୀୟ ବ୍ୟଖ୍ୟା ଏବଂ ହଦିସ ଉଲ୍ଲେଖ ନାହିଁ ସେପର୍ଯ୍ୟନ୍ତ କୌଣସି ବିଷୟ ସଂପର୍କରେ ମତପାର୍ଥକ୍ୟ କରିବା ଅସଙ୍ଗତ ଅଟେ । ପୁନଶ୍ଚ ସେହି ଯୁଗରେ ହଜ଼ରତ ମସିହ ମଉଦ ଅ.ସ ଯେଉଁ ପରିମାପ ସଂପର୍କରେ ବର୍ଣ୍ଣନା କରିଛନ୍ତି, ତହିଁରେ ଯେଉଁ ମୂଳ ଅବଶ୍ୟକୀୟ କଥାମାନ ରହିଛି ତାହା ସ୍ମରଣ ରଖିବା ଉଚିତ୍ ଏବଂ ତାହା ହେଲା ଅଲ୍ଲାଃତାଲାଙ୍କ ସୀମାରେଖାକୁ ଅତିକ୍ରମ ନ କରିବା, ବରଂ ସୀମାରେଖା ମଧ୍ୟରେ ରହିବା । ସୁତରାଂ ଉପରୋକ୍ତ କଥାକୁ ପ୍ରତ୍ୟେକ ଅହମଦିକୁ ନିଜ ସମ୍ମୁଖେ ରଖିବା ସଙ୍ଗେସଙ୍ଗେ ନିଜକୁ ଆଜ୍ଞାବହତାର ପରିଧି ମଧ୍ୟରେ ସୀମାବଦ୍ଧ କରି ରଖିବା ଉଚିତ୍ । ଅତା ର.ଅ ବର୍ଣ୍ଣନା କରନ୍ତି ଯେ, ମୁଁ ୱଲିଦଙ୍କୁ ସାକ୍ଷାତ କଲି ଯିଏ ହଜ଼ରତ ଉବାଦା ବିନ୍ ସାମିତ ଓ ଆଁହଜ଼ରତ ସ.ଅଙ୍କର ସାହାବିଙ୍କ ପୁଅ ଥିଲେ । ମୁଁ ତାଙ୍କୁ ପଚାରିଲି ଯେ, ଆପଣଙ୍କ ପିତାଙ୍କର ବିୟୋଗ କାଳରେ କ'ଣ ଇଚ୍ଛାପତ୍ର ରହିଥିଲା । ପ୍ରତ୍ୟୁତ୍ତରରେ ସେ କହିଲେ ଯେ, ମୋ ପିତାଶ୍ରୀ ମୋତେ ଡ଼ାକିଲେ ଏବଂ କହିଲେ ଯେ, ହେ ମୋର ପୁତ୍ର ! ଅଲ୍ଲାଃତାଲାଙ୍କୁ ଭୟ କର ଏବଂ ତୁମେ ଜାଣି ରଖ ଯେ, ଯେପର୍ଯ୍ୟନ୍ତ ତୁମେ ଅଲ୍ଲାଃତାଲାଙ୍କ ଉପରେ ବିଶ୍ୱାସ ନ ଆଣିଛ ଏବଂ ଅଲ୍ଲାଃତାଲାଙ୍କ ଉତ୍ତମ ଓ ମନ୍ଦ ଭାଗ୍ୟ ଲେଖନ ଉପରେ ପୂର୍ଣ୍ଣ ବିଶ୍ୱାସ ନ ଆଣିଛ ସେପର୍ଯ୍ୟନ୍ତ ତୁମେ ଅଲ୍ଲାଃତାଲାଙ୍କ ଧର୍ମପରାୟଣତାକୁ କଦାପି ଅବଲମ୍ବନ କରିପାରିବ ନାହିଁ । ଅତଃ ଯଦି ତୁମେ ଉପରୋକ୍ତ କଥା ବ୍ୟତୀତ ଅନ୍ୟ କୌଣସି କଥା ଉପରେ ଆସ୍ଥା ପ୍ରକଟ କର, ତେବେ ତୁମେ ଜାଣିରଖ ଯେ, ତୁମେ ନରକାଗ୍ନିରେ ନିକ୍ଷେପ ହେବ ।

ହଜ଼ରତ ଅନସ ବିନ୍ ମାଲିକ୍ ର.ଅଙ୍କ ଠାରୁ ବର୍ଣ୍ଣନା କରାଯାଏ ଯେ, ରସୁଲୁଲ୍ଲାଃ ସ.ଅ ହଜ଼ରତ ଉମ୍ମେ ହରାମ ବିନତ୍ ମିଲହାନଙ୍କ ଘରକୁ ଯାଅଆସ କରୁଥିଲେ ଯିଏ ହଜ଼ରତ ଉବାଦା ବିନ୍ ସାମିତ ର.ଅଙ୍କର ସ୍ତ୍ରୀ ଥିଲେ । ହଜ଼ରତ ଉମ୍ମେ ହରାମ ସହୋଦର ସଂପର୍କୀୟ କିମ୍ବା ଅନ୍ୟ କୌଣସି ନିକଟ ସଂପର୍କୀୟଙ୍କ କାରଣରୁ ହୁଜୁର ସ.ଅଙ୍କର ଖାଲା (ମାଙ୍କ ଭଉଣୀ) ଥିଲେ । ସେ ହୁଜୁର ସ.ଅଙ୍କୁ ଭୋଜନ କରାଉଥିଲେ । ଏକଦା ଯେତେବେଳେ ହୁଜ଼ର ସ.ଅ ହଜ଼ରତ ଉମ୍ମେ ହରାମ ର.ଅଙ୍କ ଘରକୁ ଆସିଲେ ସେତେବେଳେ ସେ ହୁଜୁର ସ.ଅଙ୍କୁ ଭୋଜନ କରାଇଲେ ଏବଂ ଆଁହଜ଼ରତ ସ.ଅଙ୍କର ମୁଣ୍ଡ ଦେଖିବାକୁ ଲାଗିଲେ । ରସୁଲୁଲ୍ଲାଃ ସ.ଅ ଶୋଇଗଲେ । କିଛି ସମୟ ପରେ ହୁଜୁର ସ.ଅ ହସି ଉଠିଗଲେ । ହଜ଼ରତ ଉମ୍ମେ ହରାମ ର.ଅ କହନ୍ତି ଯେ, ମୁଁ ପଚାରିଲି ଯେ, ହେ ଅଲ୍ଲାଃଙ୍କ ରସୁଲ ! ଆପଣ କେଉଁ କଥା ହସୁଛନ୍ତି । ପ୍ରତ୍ୟୁତ୍ତରରେ ହୁଜୁର ସ.ଅ କହିଲେ ଯେ, ମୋ ମୁସଲମାନ ସଂପ୍ରଦାୟରୁ କେତେକ ଲୋକମାନଙ୍କୁ ମୋ ସମ୍ମୁଖରେ ପ୍ରସ୍ତୁତ କରାଗଲା ଯେଉଁମାନେ ଅଲ୍ଲାଃତାଲାଙ୍କ ମାର୍ଗରେ ଯୁଦ୍ଧ କରିବା ପାଇଁ ବାହାରିଛନ୍ତି ସେମାନେ ସେହି ସମୁଦ୍ରରେ ଆରୋହଣ ହୋଇଛନ୍ତି ଏବଂ ସେମାନେ ଏପରି ମନେ ହେଉଛନ୍ତି ଯେପରି ସେମାନେ ସିଂହାସନରେ ବିରାଜମାନ ହୋଇଥିବା ନରପତି ବା ରାଜାଙ୍କ ପରି ଜଣାପଡୁଛନ୍ତି । ହଜ଼ରତ ଉମ୍ମେ ହରାମ ର.ଅ କହନ୍ତି ଯେ, ମୁଁ କହିଲି ଯେ, ହେ ରସୁଲୁଲ୍ଲାଃ ସ.ଅ ! ଆପଣ ମୋ ପାଇଁ ମଧ୍ୟ ପ୍ରାର୍ଥନା କରନ୍ତୁ ଯେ, ଅଲ୍ଲାଃତାଲା ଯେପରି ମୋତେ ସେମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ କରନ୍ତୁ । ସୁତରାଂ ରସୁଲୁଲ୍ଲାଃ ସ.ଅ ଉମ୍ମେ ହରାମ ର.ଅଙ୍କ ପାଇଁ ପ୍ରାର୍ଥନା କଲେ । ପୁନଶ୍ଚ ହୁଜୁର ସ.ଅ ନିଜର ମୁଣ୍ଡ ତାଙ୍କ ଖାଲାଙ୍କ କୋଳରେ ରଖି ଶୋଇ ପଡ଼ିଲେ । ଏହାପରେ ହୁଜୁର ସ.ଅ ପୁନଶ୍ଚ ନିଦ୍ରାବସ୍ଥାରୁ ହସି ଉଠିଲେ । ଉମ୍ମେ ହରାମ ର.ଅ କହନ୍ତି ଯେ, ମୁଁ କହିଲି ଯେ, ହେ ଅଲ୍ଲାଃଙ୍କ ରସୁଲ ! ଆପଣ କେଉଁ କଥା ଉପରେ ହସୁଛନ୍ତି । ହୁଜୁର ସ.ଅ କହିଲେ ମୋ ମୁସଲମାନ ସଂପ୍ରଦାୟ ମଧ୍ୟରୁ କେତେକ ଲୋକମାନଙ୍କୁ ମୋ ସମ୍ମୁଖରେ ପ୍ରସ୍ତୁତ କରାଗଲା ଯେଉଁମାନେ ଅଲ୍ଲାଃତାଲାଙ୍କ ମାର୍ଗରେ ଯୁଦ୍ଧ ପାଇଁ ବାହାରିଥିଲେ । ହଜ଼ରତ ଉମ୍ମେ ହରାମ ର.ଅ କହିଲେ ହେ ଅଲ୍ଲାଃଙ୍କ ରସୁଲ ! ଆପଣ ଅଲ୍ଲାଃତାଲାଙ୍କ ନିକଟରେ ମୋ ପାଇଁ ପ୍ରାର୍ଥନା କରନ୍ତୁ ଯେ, ଅଲ୍ଲାଃତାଲା ମୋତେ ମଧ୍ୟ ସେମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ କରନ୍ତୁ । ହୁଜୁର ସ.ଅ କହିଲେ ଯେ, ତୁମେ ତ' ପୂର୍ବରୁ ସେମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ହୋଇଯାଇଛ । ସୁତରାଂ ଉମ୍ମେ ହରାମ

ର.ଅ ହଜ଼ରତ ଉସମାନ ର.ଅଙ୍କ ଶାସନ କାଳରେ ସାମୁଦ୍ରିକ ଯାତ୍ରାରେ ଶାମିଲ ହୋଇଥିଲେ ଏବଂ ଯେତେବେଳେ ସମୁଦ୍ରରୁ ବାହାରକୁ ବାହାରିଲେ ସେତେବେଳେ ସେ ନିଜ ସୱାରୀରୁ ଖସିପଡ଼ି ମୃତ୍ୟୁବରଣ କରିଥିଲେ ।

ହୁଜୁର ଅନୱର ଅ.ବ କହିଲେ ଯେ, ଜୁନାଦା ବିନ ଅବୁ ଉମୈୟାଙ୍କ ଠାରୁ ବର୍ଣ୍ଣନା କରାଯାଏ ଯେ, ଏକଦା ଆମେମାନେ ହଜ଼ରତ ଉବାଦା ବିନ୍ ସାମିତ ର.ଅଙ୍କ ପାଖକୁ ଯାଇଥିଲୁ ସେତେବେଳେ ସେ ଅସୁସ୍ଥ ଥିଲେ । ଆମେମାନେ କହିଲୁ ଯେ, ଅଲ୍ଲାଃତାଲା ଆପଣଙ୍କୁ ଆରୋଗ୍ୟ ପ୍ରଦାନ କରନ୍ତୁ, ଆପଣ କିଛି ହଦିସ ଆମକୁ ଶୁଣାନ୍ତୁ । ସେ କହିଲେ ଯେ, ଆଁହଜ଼ରତ ସ.ଅ ଆମମାନଙ୍କୁ ଡ଼ାକିଲେ ଏବଂ ଆମେମାନେ ତାଙ୍କର ଦୀକ୍ଷା ଗ୍ରହଣ କଲୁ । ହୁଜୁର ସ.ଅ ଯେଉଁ କଥାଲାଗି ଆମମାନଙ୍କର ଦୀକ୍ଷା ନେଲେ ସେହି କଥାଗୁଡ଼ିକ ହେଲା, ଆମେମାନେ ସ୍ୱେଚ୍ଛାକୃତ, ନିଜର ଅସହାୟ ଓ ଦାରିଦ୍ର୍ୟତା ଅବସ୍ଥାରେ ଏବଂ ସ୍ୱଚ୍ଛଳ ଅବସ୍ଥାରେ ଅଗ୍ରାଧିକାର ଦେବା ଭଳି ପରିସ୍ଥିତିରେ କଥା ଶୁଣିବୁ ଏବଂ ଆଜ୍ଞା ପାଳନ କରିବୁ ଏବଂ ଶାସନ ବା ରାଜ୍ୟ ପାଇଁ ଶାସକଙ୍କ ସହିତ ବଚସା ବା ଝଗଡ଼ା କରିବୁ ନାହିଁ । କିନ୍ତୁ ଯେଉଁଠି ଖୋଲାଖୋଲି ଅବଜ୍ଞା ରୂପେ ଅଲ୍ଲାଃତାଲାଙ୍କ ତରଫରୁ ପ୍ରମାଣ ଥିବ ସେ ପରିପ୍ରେକ୍ଷୀରେ ଆମେମାନେ ଝଗଡ଼ା କରିବୁ ନାହିଁ । ସନାବି ବର୍ଣ୍ଣନା କରନ୍ତି ଯେ, ମୁଁ ସେତେବେଳେ ହଜ଼ରତ ଉବାଦା ବିନ୍ ସାମିତ ର.ଅଙ୍କ ପାଖକୁ ଗଲି ଯେତେବେଳେ ସେ ମୃତ୍ୟୁ ମୁଖର ଶେଷ ପର୍ଯ୍ୟାୟରେ ଛିଡ଼ା ହୋଇଥିଲେ । ମୁଁ କାନ୍ଦି ପକାଇଲି ତେବେ ସେ କହିଲେ ଯେ, ରୁହ ! କାହିଁକି କାନ୍ଦୁଛ ?  ଉବାଦା ର.ଅ କହିଲେ ଈଶ୍ୱରଙ୍କ ଶପଥ କରି କହୁଛି ଯେ, ଯଦି ମୋ ଠାରୁ ସାକ୍ଷ୍ୟ ମଗାଯାଏ ତେବେ ମୁଁ ତୁମ ସପକ୍ଷରେ ସାକ୍ଷ୍ୟ ପ୍ରଦାନ କରିବି ଏବଂ ଯଦି ମୋତେ ଶଫାଅତର (ସୁପାରିଶ) ଅଧିକାର ପ୍ରଦାନ କରାଯାଏ ତେବେ ମୁଁ ତୁମର ଶଫାଅତ କରିବି ଏବଂ ଯଦି ମୋତେ ଶକ୍ତି ତଥା ସାମର୍ଥ୍ୟ ପ୍ରଦାନ କରାଗଲା ତେବେ ମୁଁ ତୁମକୁ ଲାଭ ପହଞ୍ଚାଇବି । ପୁନଶ୍ଚ ସେ କହିଲେ ଯେ, ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ଯେ, ପ୍ରତ୍ୟେକ ହଦିସ ଯାହାକୁ ମୁଁ ରସୁଲୁଲ୍ଲାଃ ସ.ଅଙ୍କ ଠାରୁ ଶୁଣିଥିଲି, ଯହିଁରେ ତୁମମାନଙ୍କ ପାଇଁ ଲାଭ ତଥା ଶିକ୍ଷଣୀୟ ଥିଲା ସେହି ସମସ୍ତ ହଦିସକୁ ମୁଁ ତୁମମାନଙ୍କ ସମ୍ମୁଖରେ ଉପସ୍ଥାପିତ କରିଦେଇଛି । ହେଲେ ଗୋଟିଏ ହଦିସ ବ୍ୟତୀତ ଏବଂ ଯାହାକୁ ଆଜି ମୁଁ ତୁମମାନଙ୍କୁ ବତାଇବି ଏହାର ଅପରପକ୍ଷରେ ମୁଁ ମୃତ୍ୟୁମୁଖରେ ଜର୍ଜ୍ଜରିତ ଅଟେ । ସେ କହନ୍ତି ଯେ, ମୁଁ ରସୁଲୁଲ୍ଲାଃ ସ.ଅଙ୍କ ଠାରୁ ଶୁଣିଅଛି ଯେ, ହୁଜୁର ସ.ଅ କହୁଥିଲେ ଯେ, ଯେଉଁ ବ୍ୟକ୍ତି ଏହି ସାକ୍ଷ୍ୟ ପ୍ରଦାନ କରେ ଯେ, ଅଲ୍ଲାଃତାଲାଙ୍କ ବ୍ୟତୀତ ଅନ୍ୟ କେହି ଉପାସନା ଯୋଗ୍ୟ ନୁହଁ ଏବଂ ମହମ୍ମଦ ସ.ଅ ଅଲ୍ଲାଃତାଲାଙ୍କ ପ୍ରେରିତ ଅବତାର ଅଟନ୍ତି । ସେହି ବ୍ୟକ୍ତି ପାଇଁ ନରକାଗ୍ନି ଅବୈଧ କରିଦିଆଯିବ ଅର୍ଥାତ୍ ସେହି ବ୍ୟକ୍ତି ଜଣକ ମୁସଲମାନ ଅଟେ । ଯେଉଁମାନେ ଆମ ପର୍ଯ୍ୟନ୍ତ ଏପରି କଥାମାନ ପହଞ୍ଚାଇଲେ ଯାହାକି ଆମମାନଙ୍କ ପାଇଁ ଆଧାତ୍ମିକ ଶିକ୍ଷା ବ୍ୟତୀତ ବାସ୍ତବିକ କର୍ମମୟ ଜୀବନ ବିତାଇବା ପାଇଁ ଆବଶ୍ୟକ ଥିଲା । ଅଲ୍ଲାଃତାଲା ସେହି ସମସ୍ତ ସାହାବାମାନଙ୍କର ସ୍ତରକୁ ସ୍ୱର୍ଗରେ ଉନ୍ନୀତ କରନ୍ତୁ । ଆମିନ୍

ବର୍ତ୍ତମାନ ମୁଁ କେତେକ ମୃତକଙ୍କ ବିଷୟରେ ଚର୍ଚ୍ଚା କରିବାକୁ ଚାହୁଁଛି ଏବଂ ସେମାନଙ୍କର ଯନାଜ଼ାଃ ମଧ୍ୟ ମୁଁ ନମାଜ଼ ପରେ ପଢ଼େଇବି । ତନ୍ମଧ୍ୟରୁ ପ୍ରଥମ ହେଉଛନ୍ତି ସିରିୟାର ସଇଦ ସୋଫିୟା ସାହେବ । ତାଙ୍କର ମୃତ୍ୟୁ ଏପ୍ରିଲ ମାସ ୧୮ ତାରିଖରେ ହୋଇଥିଲା ।إِنَّا لِلّٰهِ وَإِنَّا إِلَيْهِ رَاجِعُوْنَ। ସ୍ୱର୍ଗତ ସଇଦ ସୋଫିୟା ସାହେବ ସିରିୟା ଜମାଅତର ନିଷ୍ଠାପର ବ୍ୟକ୍ତି ତଥା ପୁରାତନ ସଦସ୍ୟ ଥିଲେ । ଦ୍ୱିତୀୟ ଯନାଜ଼ାଃ ହେଉଛି ଟ୍ୟୁନିସର ସମ୍ମାନନୀୟ ଅତ୍ ତୟେବ ଅଲ୍ଲ ଅବିଦ ସାହେବ । ତାଙ୍କର ବିୟୋଗ ୭୦ ବର୍ଷ ବୟସରେ ଜୁନ ମାସ ୨୬ ତାରିଖରେ ହୋଇଥିଲା ।إِنَّا لِلّٰهِ وَإِنَّا إِلَيْهِ رَاجِعُوْنَ। ସେ ନିଜ ଅଞ୍ଚଳରେ ଏକମାତ୍ର ଅହମିଦି ଥିଲେ । ଅତ୍ୟନ୍ତ ନିଷ୍ଠାପର ବ୍ୟକ୍ତି ଏବଂ ଉପସ୍ଥିତ ଇମାମଙ୍କ ଏବଂ ଖିଲାଫତ ପ୍ରତି ତାଙ୍କର ଗଭୀର ଆନ୍ତରିକତା ରହିଥିଲା । ତୃତୀୟ ଯନାଜ଼ାଃ ହେଉଛି ସମ୍ମାନନୀୟା ଅମତୁଶ୍ ଶକୁର ସାହେବା । ଯିଏ ହଜ଼ରତ ଖଲିଫତୁଲ୍ ମସିହ ସାଲିସ ରେ.ଅଙ୍କର ଜ୍ୟୋଷ୍ଠ କନ୍ୟା ଥିଲେ । ସେ ୭୯ ବର୍ଷ ବୟସରେ ସେପ୍ଟେମ୍ବର ମାସ ୩ ତାରିଖରେ ମୃତ୍ୟୁବରଣ କରିଥିଲେ । ଅଲ୍ଲାଃତାଲା ତାଙ୍କ ପ୍ରତି ସଦୟ ହୁଅନ୍ତୁ । ସ୍ୱର୍ଗରେ ତାଙ୍କର ସ୍ତରକୁ ଉନ୍ନୀତ କରନ୍ତୁ ଏବଂ ତାଙ୍କର ସନ୍ତାନସନ୍ତତିଙ୍କୁ ମଧ୍ୟ ପୂର୍ଣ୍ଣ ବିଶ୍ୱସ୍ତତାର ସହିତ ଜମାଅତ ଓ ଖିଲାଫତ ସହିତ ସଂଶ୍ଳିଷ୍ଟ ରହିବାର ସାମର୍ଥ୍ୟ ପ୍ରଦାନ କରନ୍ତୁ । ଆମିନ୍

KHULASA KHUTBA JUMA HUZOOR ANWAR a.b.a

.................................................

**6th Sep 2019**